# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 July - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ନୀତିଆୟୋଗ ବୈଠକ ଅନୁଷ୍ଠିତ

– ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ବିଭିନ୍ନ କାର୍ଯ୍ୟପନ୍ଥା ନେଇ ହୋଇଛି ଆଲୋଚନା

- ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ପହଁଞ୍ଚିଲେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ

- ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ହୋଇଛି ସ୍ୱାଭାବିକ; ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସୂଚନା

ଏବଂ

- ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଡ଼କ ଯୋଗାଯୋଗ ବାଧାପ୍ରାପ୍ତ; ହୀରାକୁଦ ଜଳଭଣ୍ଡାରରୁ ଆସନ୍ତାକାଲି ମହାନଦୀକୁ ନିଷ୍କାସିତ ହେବ ପ୍ରଥମ ବନ୍ୟାଜଳ

## ପ୍ରଧାନମନ୍ତ୍ରୀ- ନୀତି ଆୟୋଗ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନର ସଂସ୍କୃତି କେନ୍ଦ୍ରଠାରେ ନୀତି ଆୟୋଗର ନବମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବୈଠକର ବିଷୟବସ୍ତୁ "୨୦୪୭ ବିକଶିତ ଭାରତ" ରଖାଯାଇଥିଲା। ଦେଶକୁ ଏକ ବିକାଶଶୀଳ ରାଷ୍ଟ୍ରଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟପନ୍ଥା ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବା ଲାଗି ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସହଭାଗିତାରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ଏବଂ ସମୟୋପଯୋଗୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଶ୍ୱ ଅର୍ଥନୀତିରେ ଭାରତକୁ ତୃତୀୟ ସ୍ଥାନରେ ପହଁଞ୍ଚାଇବା ଲକ୍ଷ୍ୟ ନେଇ ଘରୋଇ ଉତ୍ପାଦ ବୃଦ୍ଧି ଏବଂ ଶିଳ୍ପଭିତ୍ତିଭୂମି ବିକାଶ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ୨୦୪୭ ସୁଦ୍ଧା ମୋଟ୍ ଘରୋଇ ଉତ୍ପାଦ ୫ ହଜାର ୟୁଏସ୍ ଡଲାରରୁ ବୃଦ୍ଧି କରି ୩୦ ହଜାର ୟୁଏସ୍ ଡଲାରରେ ପହଁଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପ ରାଜ୍ୟପାଳ, କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟ ଏବଂ

ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ତଥା ଆୟୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଲୋକଙ୍କ ସହ ଭାବ ବିନିମୟ କରିବେ । ଏହା ହେବ 'ମନ୍ କି ବାତ୍'ର ୧୧୨ତମ ସଂସ୍କରଣ।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହାର ସିଧା ପ୍ରସାରଣ କରାଯିବ। ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।

***HS***

## ଓଡ଼ିଶା ଗସ୍ତରେ କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଭୁବନେଶ୍ୱରରେ ପହଁଞ୍ଚିଛନ୍ତି। ଏହି ଗସ୍ତ ଅବସରରେ ଶ୍ରୀ ଦୁବେ ଭୁବନେଶ୍ୱର, ସମ୍ବଲପୁର ଏବଂ ଅନୁଗୁଳଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସେ କହିଛନ୍ତି, ଖଣି ରୟାଲିଟି

ଉପରେ ନୀତି ଆୟୋଗ ବୈଠକରେ ନିଷ୍ପତ୍ତି ନିଆଯିବ। ବିଦେଶରୁ ଆମଦାନୀ ହେଉଥିବା ଖଣିଜ ପଦାର୍ଥ ଉପରେ ସର୍ଭେ ଚାଲିଛି ବୋଲି ସେ କହିଛନ୍ତି। କୌଣସି ରାଜ୍ୟକୁ ଅବହେଳା କରାଯିବ ନାହିଁ ଏବଂ ପ୍ରତ୍ୟେକ ରାଜ୍ୟ ତାଙ୍କର ଅଧିକାର ଅନୁଯାୟୀ ସମସ୍ତ ପ୍ରାପ୍ୟ ପାଇବେ ବୋଲି ସେ କହିଛନ୍ତି।

***GNR***

## ବିଜେପି– ମୁଖ୍ୟମନ୍ତ୍ରୀ ବୈଠକ

ବିଜେପି ଶାସିତ ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଗତ ଲୋକସଭା ନିର୍ବାଚନ ଏବଂ କେନ୍ଦ୍ର ବଜେଟ୍‌ରେ ପ୍ରସ୍ତାବିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନାଗୁଡ଼ିକର ସ୍ଥିତି ନେଇ ବୈଠକରେ ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି।

***Pool***

## କାଲାମ ଶ୍ରାଦ୍ଧବାର୍ଷିକୀ

ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଆଜି ନବମ ପୁଣ୍ୟତିଥି। ଏହି ଅବସରରେ ସମଗ୍ର ଦେଶ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭାରତର

ମହାକାଶ ଏବଂ କ୍ଷେପଣାସ୍ତ୍ର ବିକାଶ କ୍ଷେତ୍ରରେ ଡକ୍ଟର କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଡକ୍ଟର କଲାମଙ୍କୁ ମଧ୍ୟ ଭାରତର ମିଜାଇଲ ମ୍ୟାନ୍ ବା କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ । ୨୦୧୫ ମସିହା ଆଜିର ଦିବସରେ ସେ ଇହଲୀଳା ସମ୍ବରଣ କରିଥିଲେ ।

ରାଜ୍ୟପାଳ ରଘୁବର ଦାସ ଡକ୍ଟର କଲାମଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଦାସ କହିଛନ୍ତି, ଡକ୍ଟର କଲାମ ଯୁବବର୍ଗଙ୍କ ପ୍ରେରଣାର ଉତ୍ସ ଥିଲେ। ଦେଶ ତଥା ମହାକାଶ ବିଜ୍ଞାନକ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ସେ କହିଛନ୍ତି।

***Ganjam***

## ମାନବାଧିକାର କମିଶନ- ମେଡିକାଲ ପରିଦର୍ଶନ

ରାଜ୍ୟ ମାନବାଧିକାର କମିଶନଙ୍କ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଆଜି ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ମେଡିକାଲ ପରିଦର୍ଶନ କରିଛନ୍ତି। ଟ୍ରମା କେୟାର ସେଣ୍ଟର, ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର, ନିରାମୟ ଔଷଧ ବିତରଣ କେନ୍ଦ୍ର ଆଦି ବୁଲି ଦେଖିଛନ୍ତି। ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାସଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ପୁରୁଣା କୋଠାକୁ ଭାଙ୍ଗିବା ଏବଂ ଅଚଳ ପାନୀୟ ଜଳ ମେସିନଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ପରାମର୍ଶ ଦେଇଛନ୍ତି। ଭେଷଜ ବିଭାଗରେ ରୋଗୀଙ୍କର ପରିସ୍ଥିତି ଦେଖି ଶଯ୍ୟା ସଂଖ୍ୟା ବୃଦ୍ଧି କରିବାକୁ କହିଛନ୍ତି। ଏହି

ସଂକ୍ରାନ୍ତ ସମସ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ମହାପାତ୍ର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସ୍ଥିତି ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଉମାଶଙ୍କର ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି ।

***Puri***

## ମିଲ୍କୁ କମ୍ପାନୀ- ମନ୍ତ୍ରୀଙ୍କ ଯାଞ୍ଚ

ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ପୁରୀ ଜିଲ୍ଲା ଗୋପ୍ ବ୍ଲକର ସାରଡ଼ାସ୍ଥିତ 'ମିଲ୍କ ମୁ' ଘରୋଇ କମ୍ପାନୀକୁ ପରିଦର୍ଶନ କରିଛନ୍ତି । ସେଠାରେ ନିମ୍ନମାନର ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦିତ ହେଉଥିବା ଏବଂ କମ୍ପାନୀ ଦ୍ୱାରା ପରିବେଶ ପ୍ରଦୂଷଣ ଅଭିଯୋଗ ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ଗସ୍ତ କରିଥିଲେ । ଦୁଗ୍ଧଜାତ ସାମଗ୍ରୀର ନମୂନା ସଂଗ୍ରହ କରାଯାଇଛି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ସଂଗୃହୀତ ନମୂନାର ମାନ ପରୀକ୍ଷା କରାଯିବ । ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ସ୍ୱାଭାବିକ ହୋଇଛି । ଆଳୁ ଦର ନିୟନ୍ତ୍ରଣରେ ରହିଛି । ଚଢ଼ାଦରରେ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସତର୍କ କରାଇ ଦେଇଛନ୍ତି ।

*Sambalpur*

## ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର ଜିଲ୍ଲା ବିଜେପି ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିକାଶ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହିଦ୍ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୋଲବଜାର ଛକଠାରୁ ଏହି ଶୋଭାଯାତ୍ରା ବାହାରି ଜେଲ୍ ଚକ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

*Sambalpur*

## ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁରରେ 'ସ୍ୱଚ୍ଛ ପରିବେଶ ଆପଣାଇ ରୋଗ ଦୂର କର' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଝାଡୁଆପଡ଼ା, ନନ୍ଦପଡ଼ା ତଥା ମ୍ୟୁନିସିପାଲିଟି ଛକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଏବଂ ରୋଗ ଦୂରୀକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ମହାନଗର ନିଗମ କମିଶନର ବେଦଭୂଷଣ ପ୍ରମୁଖ ଯୋଗ ଦେଇଥିଲେ।

*Dhenkanal*

## ଫାଇଲେରିଆ ରୋଗ

ଢେଙ୍କାନାଳ ଜିଲ୍ଲାରେ ଫାଇଲେରିଆ ରୋଗକୁ ପ୍ରତିହତ କରିବା ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଆସନ୍ତା ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାରେ ୯ ଲକ୍ଷ ୪୫ ହଜାର ୭୪୩ ଜଣଙ୍କୁ ଔଷଧ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏ ପର୍ଯ୍ୟନ୍ତ ୪୨ ଜଣଙ୍କ ଠାରେ ଫାଇଲେରିଆ ଜୀବାଣୁ ପରିଲକ୍ଷିତ ହୋଇଥିବା ସେ ସୂଚନା ଦେଇଛନ୍ତି।

***Keonjhar***

## ଓଡ଼ିଆ ଭାଷା ସମ୍ମିଳନୀ

ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଓଡ଼ିଶା ଭାଷା ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ଆଭିମୁଖ୍ୟ ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଛି।

***HS***

## ଟ୍ରେନ୍‌ରେ ନିଆଁ

ଅନୁଗୁଳ-ପୁରୀ ଫାଷ୍ଟ ପାସେଞ୍ଜର ଟ୍ରେନ୍‌ର ଏକ ବଗିରେ ନିଆଁ ଲାଗିଯାଇଥିଲା। ମାଳତୀ-ପାଟପୁରଠାରେ ବ୍ରେକ୍ ଘଷି ହୋଇ ଏହି ନିଆଁ

ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତେବେ ଟ୍ରେନ୍‌ରେ ଯାତ୍ରା କରୁଥିବା କୌଣସି ଯାତ୍ରୀଙ୍କର କ୍ଷୟକ୍ଷତି ହୋଇନାହିଁ ବୋଲି ରେଳବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

***Malkangiri/Koraput***

## କୋରାପୁଟ– ବନ୍ୟା

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ତଳିଆ ଅଞ୍ଚଳରେ ପାଣି ଜମିବା ସହ କେତେକ ଜିଲ୍ଲାରେ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ବର୍ଷାଜଳ ପ୍ରବାହିତ ହେବା ଦ୍ୱାରା କୋରାପୁଟ-ରାୟଗଡ଼ା ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କୋରାପୁଟ, ମାଛକୁଣ୍ଡ, ଦଶବନ୍ତପୁର, ଲକ୍ଷ୍ମୀପୁର ଓ ବୈପାରୀଗୁଡ଼ା ଆଦି ସ୍ଥାନରେ ମାଟି ଅତଡ଼ା ଧସି ଏବଂ ଗଛ ଉପୁଡ଼ିବା ଫଳରେ ବିଭିନ୍ନ ସ୍ଥାନରେ ଗ୍ରାମାଞ୍ଚଳ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଜୟପୁର ସହର ଉପକଣ୍ଠର ବିଭିନ୍ନ ସ୍ଥାନରେ ବନ୍ୟାଜଳ ଯୋଗୁଁ ରାସ୍ତା ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୯୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବର୍ଷା ଯୋଗୁଁ ୩୦୦ରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି ।

ମାଲକାନଗିରି ଜିଲ୍ଲା କୋରକଣ୍ଡା ବ୍ଲକର ନାକାମାମୁଡ଼ି ବାୟାପଡ଼ାଘାଟିରେ ଭୂସ୍ଖଳନ ଯୋଗୁଁ ୧୮ଟି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

*Desk*

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ୧୩ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଜାରି କରାଯାଇଛି ।

ସେହିପରି ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଲଗାଣ ବର୍ଷା ହେବା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଜଳଭଣ୍ଡାରର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତାକାଲି ପ୍ରଥମ ବନ୍ୟାଜଳ ମହାନଦୀକୁ ନିଷ୍କାସିତ ହେବ । ବନ୍ୟାଜଳ ପ୍ରବାହିତ ଯୋଗୁଁ ମହାନଦୀ ଏବଂ ତା'ର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ । ସେଥିପାଇଁ ସତର୍କତା ମୂଳକ ପଦକ୍ଷେପ ନେବାପାଇଁ ଜଳଭଣ୍ଡାର କର୍ତ୍ତୃପକ୍ଷ ପ୍ରଶାସନିକ ଅଧିକାରୀମାନଙ୍କୁ କହିଛନ୍ତି ।

***********************************